# ୯୨ ଆକ୍ରାନ୍ତ ଚିହ୍ନଟ, ୪୩ ସୁସ୍ଥ

## ଏକ ହଜାରରୁ ଅଧିକ ଆକ୍ରାନ୍ତ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ହିଁ ଚିହ୍ନଟ

**ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍:**

ଶୁକ୍ରବାର ରାଜ୍ୟରେ ୯୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୩ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୯୫କୁ ବୃଦ୍ଧି ପାଇଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ୪୩୬ରେ ପହଞ୍ଚିଛି। ବର୍ତ୍ତମାନ ୭୫୨ ସକ୍ରିୟ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହୋଇଥିବା ବେଳେ

ଆକ୍ରାନ୍ତ ୧୧୯୫

| ସକ୍ରିୟ | ସୁସ୍ଥ | ମୃତ |
|---|---|---|
| ୭୫୨ | ୪୩୬ | ୭ |

୭ଜଣଙ୍କ ମୃତ୍ୟୁ ହୋଇଛି। ରାଜ୍ୟରେ ୧୧୯୫ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ୧ହଜାର ଚିହ୍ନଟ ହୋଇଥିଲେ। ଫଳରେ ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ ହେବାର ସମ୍ଭାବନା କମ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଯେତେ ସବୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ସେମାନେ ପ୍ରାୟତଃ ପ୍ରବାସୀ ରହିଛନ୍ତି।

ଆଜି ଚିହ୍ନଟ ହୋଇଥିବା ୯୨ ଜଣଙ୍କ ମଧ୍ୟରୁ ଯାଜପୁର ଜିଲ୍ଲାରୁ ସର୍ବାଧିକ ୪୬ ଜଣ ରହିଥିବା ବେଳେ କଟକରୁ ୧୧, ନୟାଗଡ଼ରୁ ୬, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରୁ ୫ଜଣ ଲେଖାଏଁ, ଖୋର୍ଦ୍ଧା, ଭଦ୍ରକ, କେନ୍ଦୁଝର, ପୁରୀରୁ ୩ଜଣ ଲେଖାଏଁ ଏବଂ ଝାରସୁଗୁଡ଼ାରୁ ଜଣେ ଲେଖାଏଁ ଆକ୍ରାନ୍ତ ▶▶ ୭

### ୫ ବର୍ଷର ଶିଶୁ କରୋନା ଆକ୍ରାନ୍ତ

**ଝାରସୁଗୁଡ଼ା :** ଝାରସୁଗୁଡ଼ା ଜିଲ୍ଲାରେ ଆଜି ତୃତୀୟ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେ ମଙ୍ଗଳବଜାର ଅଞ୍ଚଳର ଜଣେ ୫ ବର୍ଷର ଶିଶୁ ବୋଲି ଜଣାପଡ଼ିଛି। ଶିଶୁଟି ପରିବାର ଗତ ୧୬ ତାରିଖରେ ଆଗ୍ରାରୁ ଝାରସୁଗୁଡ଼ାକୁ ଫେରିଥିଲେ। ସମସ୍ତଙ୍କୁ ହୋମ କ୍ୱାରେଣ୍ଟାଇନରେ ରଖାଯାଇ ସ୍ୱାବ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଜି ଏହି ୫ ବର୍ଷ ଶିଶୁର କୋଭିଡ ପଜିଟିଭ ରିପୋର୍ଟ ଆସିଛି। ତୃତୀୟ କୋରନା ଆକ୍ରାନ୍ତ ଜଣକ ଜଣେ ଛୋଟ ଛୁଆ ହୋଇଥିବାରୁ ତାଙ୍କୁ ଝାରସୁଗୁଡା କୋଭିଡ ହସ୍‌ପିଟାଲରେ ରଖି ଚିକିତ୍ସା କରାଯିବା ନା ରାଉରକେଲା କୋଭିଡ ହସ୍‌ପିଟାଲକୁ ପଠାଯିବ ଅଥବା ଘରେ ରଖି ଚିକିତ୍ସା ସେବା ଯୋଗାଇ ଦିଆଯିବ ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ଜିଲ୍ଲାପଳ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କଲା ପରେ ଶିଶୁକୁ କେଉଁଠି ରଖି ଚିକିତ୍ସା କରାଯିବ ତାହା ଜଣାପଡ଼ିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି।